# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 51 Years



# ସୁଲେମାନ ଚାଚା ଖେଳିଲେ ହୋଲି



ଗପ

ସିଲୁ ବାବୁଲା, ମୁଁ କାଲି ରାତିରେ ବେଲୁନରେ ରଙ୍ଗ ଭରି ଶହେଟି ବେଲୁନ ତିଆରି କରିଛି। ଆମେ କୋଠା ଉପରେ ଲୁଚି ରହି ରାସ୍ତାରେ ଯିଏ ଯାଉଥିବ ତା' ଉପରେ ଏହି ବେଲୁନ ବମ୍ ଫୋପାଡ଼ିବା ଆଉ ଲୁଚିଯିବା। ସିଲୁ ବହୁତ ଉତ୍ସାହଭରା ସ୍ୱରରେ କହୁଥିଲା। ଆଉ ଜାଣିଛୁ ସବୁ ସାଙ୍ଗମାନେ ମଧ୍ୟ ଆସିବେ। କାଦିର ଆଉ ସଲିମ ମଧ୍ୟ ଆସିବେ ଭାରି ମଜା ହେବ।

ହୋଲି ରଙ୍ଗରେ ରଙ୍ଗିନ ହୋଇ ସାହିର ଲୋକମାନେ ରାସ୍ତାରେ ଯିବା ଆସିବା କରୁଥା'ନ୍ତି। ସିଲୁ ତା'ର ସାଙ୍ଗମାନଙ୍କ ସହିତ ମିଶି ରାସ୍ତାରେ ଯାଉଥିବା ଲୋକମାନଙ୍କ ଉପରେ ବେଲୁନ ବମ୍ ପକାଉଥା'ନ୍ତି, ଆଉ ମଜା ନେଉଥା'ନ୍ତି।

ହଠାତ୍ ବାବୁଲା ଦେଖିଲା କାଦିରର ବାପା ସୁଲେମାନ ଚାଚା ଧଳା ଡ୍ରେସ ପିନ୍ଧି ରାସ୍ତା ଉପରେ ଯାଉଥା'ନ୍ତି। କାଦିର ସଙ୍ଗେ ସଙ୍ଗେ କହିଲା ଆରେ ମୋ' ବାପା ମସ୍ଜିଦକୁ ନମାଜ ପଢ଼ିବା ପାଇଁ ଯାଉଛନ୍ତି। ତାଙ୍କ ଉପରେ ବେଲୁନ ପକାଇବ ନାହିଁ। କିନ୍ତୁ ଏତିକି ସମୟରେ ବାବୁଲା ଗୋଟିଏ ବେଲୁନ ବମ୍ ସୁଲେମାନ ଚାଚାଙ୍କ ଉପରେ ପକାଇ ସାରିଥିଲା। ଆଉ ସୁଲେମାନ ଚାଚାଙ୍କ ଧଳା ଶାର୍ଟ ପୂରା ଲାଲ ହୋଇ ଯାଇଥିଲା।

ସୁଲେମାନ ଚାଚା ଉପରକୁ ଚାହିଁଲେ, ଦେଖିଲେ ପିଲାମାନେ କୋଠା ଉପରୁ ତାଙ୍କ ଆଡକୁ ଚାହୁଁଛନ୍ତି। ସୁଲେମାନ ଚାଚା ଆଉ ମସ୍ଜିଦ ଗଲେ ନାହିଁ। ସିଧା ଶିଡିରେ ଚଢ଼ି କୋଠା ଉପରକୁ ଆସିଗଲେ। ଦେଖିଲେ ପ୍ରାୟ ପନ୍ଦର ଜଣ ପିଲା ତାଙ୍କ ଆଡକୁ କାତର ଦୃଷ୍ଟିରେ ଚାହିଁଛନ୍ତି। ପିଲାମାନେ ଏପରି ରଙ୍ଗିନ ହୋଇଛନ୍ତି ଯେ, କାହାକୁ ଚିହ୍ନିବା କଷ୍ଟକର।

ଅଙ୍କଲ ଆମକୁ ମାଫ କରିଦିଅ। ଆମର ଭୁଲ ହୋଇଯାଇଛି। ଆମେ ସମସ୍ତେ କାନ ଧରୁଛୁ। ଆଉ ସମସ୍ତେ ନିଜ ନିଜ କାନ ଧରି ପକାଇଲେ।

ସୁଲେମାନ ଚାଚା ପାଖରେ ପଡ଼ିଥିବା ବାଲ୍ଟିରେ ଡ୍ରମ୍‌ରୁ ରଙ୍ଗ ଭରିଲେ ଓ ପିଲାମାନଙ୍କ ପାଖକୁ ଯାଇ ତାଙ୍କ ଉପରକୁ ରଙ୍ଗ ଅଜାଡି ଦେଇ କହିଲେ 'ଆଜ୍ ହୋଲି ହେଁ'। ଆରେ ବଚ୍ଚୋ ୟେ ହେ ରଙ୍ଗ ଔର ଭାଇଚାରା କା ତ୍ୟୋହାର। ୟେ ହୋତା ହେ ହର ହିନ୍ଦୁସ୍ଥାନୀ କା ତ୍ୟୋହାର। ଆଜି ମୁଁ ମଧ୍ୟ ତୁମ ସହିତ ହୋଲି ଖେଳିବି, କିନ୍ତୁ ମୁଁ ଟିକିଏ ଜଲଦି ଯିବି, କାହିଁକି ନା ମୁଁ ଗାଧୋଇ ସାରି ନମାଜ ପଢ଼ିବାକୁ ଯିବି। ଆଉ ଆଜି ତୁମେ ସମସ୍ତେ ଗାଧୋଇ ସାରିଲା ପରେ ମୋ ତରଫରୁ ସମସ୍ତଙ୍କୁ ଆଇସ୍‌କ୍ରିମ ପାର୍ଟି ଦିଆଯିବ। ଏକଥା ଶୁଣି ପିଲାମାନେ ଆନନ୍ଦରେ ନାଚିଲେ ଓ ସୁଲେମାନ ଚାଚାଙ୍କୁ କୁଣ୍ଢାଇ ପକେଇଲେ।

**– ନିଷାର ଅଲ୍ଲୀ ଦାମାନୀ**
ମିଶ୍ରପଡ଼ା, ହାକିମପଡା, ଅନୁଗୋଳ
ମୋ: ୯୮୫୩୩୫୩୭୦୬

## ଖିଲି ଖିଲି ହସ

ବୋହୂ: ମା! ଖାଇବ ଆସ।
ଶାଶୁ: ମୋ' ଦାନ୍ତବିନ୍ଧା ହେଉଛି। ମୁଁ ଖାଇପାରିବିନି, ତୁ ଯା।
ବୋହୂ: ଆପଣ ଡାକ୍ତରଙ୍କୁ ଦେଖାଉନାହାନ୍ତି?
ଶାଶୁ: ଡାକ୍ତର କହିଲେ, ଦାନ୍ତରେ ଟିକେ ମସଲା ଦେବାକୁ ପଡିବ। ଏହା ଶୁଣି ବୋହୂ ଟିକେ ବି ଡେରି ନ କରି ସିମେଣ୍ଟ ଗୋଳି ଆଣି କହିଲା–ମା! ଏବେ ମୁହଁ ଖୋଲ ଦାନ୍ତରେ ମସଲା ଦେଇଦେବି।

ରାଜୁ ବିଜୁକୁ ପିଟୁଥିଲା। ଏହାଦେଖି ଆଉ ଜଣେ ବ୍ୟକ୍ତି ଦୌଡ଼ି ଆସି ପଚାରିଲେ, ଆରେ ଭାଇ କାହିଁକି ପିଲାଟିକୁ ମାରୁଛୁ?
ରାଜୁ: ତାଙ୍କ ଘରେ ବିରିୟାନୀ ହୋଇଥିଲା। ସେ ଫଟୋ ଉଠାଇ ତାକୁ ଷ୍ଟାଟସ୍‌ରେ ଦେଇଥିଲା। ମୁଁ ଫଟୋକୁ ଦେଖି ପଚାରିଲି, ମୋ ପାଇଁ ବିରିୟାନୀ ହେବ କି ? ବିଜୁ କହିଲା–ହଁ ହେବ,ତୁ ଖାଇବୁ ଯଦି ଆ' ଆମ ଘରକୁ।
ରାଜୁ: ମୁଁ ଗାଡ଼ିଭଡା କରି କେତେଦୂରରୁ ଆସିଲି । ହେଲେ ସେ ମୋତେ କହିଲା– ବିରିୟାନୀ ଆଉ ନାହିଁ। ଏହା ଶୁଣିଲା ପରେ ମୋ ମୁଣ୍ଡ ପୂରା ଗରମ। ସେଥିପାଇଁ ତାକୁ ପିଟୁଛି ।
ବିଜୁ: ମୁଁ କ'ଣ ଜାଣିଥିଲି ସେ ସତରେ ପଳାଇ ଆସିବ !

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ଗୁମ୍ଫାର ସହର

ବିଭିନ୍ନ ସହରରେ ତ ଗୁମ୍ଫା ରହିଛି, କିନ୍ତୁ ଏମିତି ଏକ ସହର ରହିଛି ଯାହାର ପରିଚୟ ଗୁମ୍ଫାକୁ ନେଇ। ଏହି ସହରଟି ହେଉଛି ସ୍ପେନ୍‌ର ଗ୍ରାନାଡା। ଏଠାରେ ଏଭଳି ଗୁମ୍ଫା ସବୁ ରହିଛି, ଯାହାକୁ ନେଇ ପ୍ରାଚୀନ ସଭ୍ୟତାର ରୂପରେଖ ଜାଣିହୁଏ। ଖାଲି ସେତିକି ନୁହେଁ ପ୍ରାଚୀନ କାଳରେ ଲୋକଙ୍କର ଜୀବନଶୈଳୀ ସମ୍ପର୍କରେ ଅନେକ କିଛି କଥା ଜାଣିହୁଏ ଏହି ଗୁମ୍ଫାରୁ। ଏଠାରେ ରହୁଥିବା ସମୟରେ ଲୋକେ କିଭଳି ଜୀବନଯାପନ କରୁଥିଲେ ସେସବୁ ଜାଣିବା ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସନ୍ତି। ଏଠାରେ ଥିବା ସାକ୍ରୋମୋଣ୍ଟେ ଓ ଗୁଆଡିକ୍ସ ଗୁମ୍ଫା ଦୁଇଟି ୧୫ଶହ ଶତାବ୍ଦୀର ବୋଲି ଜଣାଯାଏ। ସହରର ଏକ ସ୍ଥାନରେ ଗୁମ୍ଫାର ଏକ ଶ୍ରେଣୀ ରହିଛି ଯେଉଁଠି ରହିଛି ପ୍ରାୟ ୨୦୦୦ ଗୁମ୍ଫା। ପଥରରେ ଏଠାରେ ବେଶ୍ ସୁନ୍ଦରଭାବେ ବିଭିନ୍ନ ପ୍ରକାରର କାରୁକାର୍ଯ୍ୟ କରାଯାଇଛି। ଅତୀତରେ ଏହି ସ୍ଥାନକୁ ଲୋକେ ନିଜର ନିରାପତ୍ତା ପାଇଁ ବ୍ୟବହାର କରୁଥିଲେ। ବିଶେଷକରି ବିଭିନ୍ନ ପ୍ରକାରର ଉତ୍ପୀଡନରୁ ରକ୍ଷା ପାଇବା ପାଇଁ ଏଠି ଲୁଚି ରହୁଥିଲେ। ଆଜିର ଆଧୁନିକ ସମୟରେ ବି କେତେକ ଏଠାରେ ବାସ କରନ୍ତି, ଯେଉଁମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନାହାନ୍ତି। ତେବେ ଏଭଳି ସ୍ୱତନ୍ତ୍ରତା ପାଇଁ ଏହି ସହରକୁ ୟୁରୋପର ଗୁମ୍ଫାର ସହର ବୋଲି କୁହାଯାଏ।



## ତୁମ ପଢ଼ିବା ପାଇଁ

**ତେଲିଙ୍ଗିବାଜା:** ଏଥର ତ୍ରୈମାସିକ ଶିଶୁ–କିଶୋର ପତ୍ରିକା 'ତେଲିଙ୍ଗିବାଜା'(ଜାନୁଆରୀ–ମାର୍ଚ୍ଚ) ସଂଖ୍ୟାରେ ନୂଆ ନୂଆ, ଉଦ୍ଦେଶ୍ୟ ମହତ ମୋର, ସବୁଦିନ ନୁହେଁ ଏକାପରି, ମନୋବଳ, ଦୟାଳୁ ବାଦ୍‌ଶାହ, ଜନ୍ମଦିନର ଉପହାର ପରି ରହିଛି କେତୋଟି ଗଳ୍ପ ଓ କବିତା। ସତ୍ୟବ୍ରତ ଦାସଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୩୦ଟଙ୍କା। ଯୋଗାଯୋଗ– ସମ୍ପାଦକ, ତେଲିଙ୍ଗିବାଜା, ଜିଭିଏ ମାର୍କେଟ କମ୍ପ୍ଲେକ୍ସ, ବେଦବ୍ୟାସ, ରାଉରକେଲା, ସୁନ୍ଦରଗଡ।




## ମତାମତ

▶▶ ଶିଶୁ ପ୍ରତିଭା 'ସ୍ୱୟଂସମ୍ପୂର୍ଣ୍ଣା ସାୟୋନ୍ତିନୀ'। ସେ ଜଣେ ଭିନ୍ନକ୍ଷମ ହୋଇଥିଲେ ସୁଦ୍ଧା ଏତେ ପ୍ରତିଭାର ଅଧିକାରୀ ହୋଇଛନ୍ତି, ତାଙ୍କ ବିଷୟରେ ପଢ଼ି କିଛି କଥା ଜାଣିବାକୁ ପାଇଲି।

**– ମନୋହର ସ୍ୱାଇଁ, ସୁନାବେଡା, କୋରାପୁଟ**

▶▶ ଜଣା ଅଜଣାରେ ପ୍ରକାଶିତ ହେଉଥିବା ବିଜ୍ଞାନଭିତ୍ତିକ ଲେଖା ସହିତ ଅନ୍ୟ କେତେକ ବିଷୟକୁ ନେଇ ହେଉଥିବା ଉପସ୍ଥାପନା ବେଶ୍ ସୁନ୍ଦର ହେଉଛି।

**–ତୁଷାର ସାହୁ, ନାଳିବର, ଜଗତ୍‌ସିଂହପୁର**

▶▶ ଏଥର କବିତାଗୁଡିକ ବେଶ୍ ମନଛୁଆଁ ହୋଇପାରିଛି।

**–ରଜତ କୁମାର ରାଉତ, ନୟାଗଡ଼**

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# କେମିତି ପାଳିବେ ହୋଲି

ଆଉ ଦିନ କେଇଟା ପରେ ଆସିବ ରଙ୍ଗର ପର୍ବ ହୋଲି। ପିଲାଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହି ପର୍ବର ମଜା ନିଅନ୍ତି। ବିଶେଷଭାବରେ ପିଲାମାନେ ସାଙ୍ଗଙ୍କ ସହ ହୋଲି ଖେଳି ଉକ୍ତ ପର୍ବକୁ ଆହୁରି ରଙ୍ଗିନ୍ କରିଦିଅନ୍ତି। ଯଦିଓ ଏବେ ପରୀକ୍ଷା ଋତୁ ଚାଲିଛି, ତଥାପି ତା' ଭିତରେ ସମୟ ବାହାର କରି ଏହାକୁ ପାଳନ କରିବାକୁ ପିଲାମାନେ ପ୍ରାୟ ପ୍ରସ୍ତୁତ ହୋଇସାରିଲେଣି। ହୋଲି ଖେଳିବା ସମୟରେ ବିଭିନ୍ନ ପ୍ରକାର ରଙ୍ଗ ବ୍ୟବହାର କରିଥାନ୍ତି। କିନ୍ତୁ ସେହି ସମୟରେ ସତର୍କ ରହିବା ଆବଶ୍ୟକ। ଏତିକିବେଳେ କେମିକାଲଯୁକ୍ତ ରଙ୍ଗ କମ୍ ବ୍ୟବହାର କରିବା ଭଲ। ହର୍ବାଲ ରଙ୍ଗରେ ଏହି ପର୍ବର ମଜା ନେଇହେବ। ତେବେ ଏଥର ହୋଲିକୁ କିଭଳି ପାଳନ କରିବାକୁ ଯୋଜନା କରିଛନ୍ତି, ସେ ସମ୍ପର୍କରେ କେତେକ ପିଲା ଯାହା କୁହନ୍ତି...

## ମାମୁଘରେ ହୋଲି ଖେଳିବି

ଏଥର ହୋଲି ଛୁଟିରେ ମୁଁ ମାମୁଘରକୁ ଯିବି। ସେଠାରେ ମୋ ସାଙ୍ଗମାନଙ୍କ ସହ ହୋଲି ଖେଳିବି। ହୋଲି ଖେଳିବା ସମୟରେ ମୁଁ ସବୁବେଳେ ସତର୍କ ରହିଥାଏ। ବିଶେଷଭାବରେ ଆଖିରେ ଯେପରି ରଙ୍ଗ ନ ପଡ଼ିବ, ସେ ନେଇ ସଜାଗ ଥାଏ। ଏଥର ମଧ୍ୟ ପ୍ରଥମେ ନିଜ ଶରୀର ସୁରକ୍ଷା ପ୍ରତି ଗୁରୁତ୍ୱଦେବି। ଅନ୍ୟମାନଙ୍କୁ ରଙ୍ଗ ବୋଳିବା ବେଳେ ମୁଁ ନିଶ୍ଚୟ ସଚେତନ ରହିବି। ଏହିଦିନ ପ୍ରଥମେ ମୁଁ ମାମା-ବାପା ଏବଂ ଘରେ ଥିବା ଗୁରୁଜନଙ୍କ ଆଶୀର୍ବାଦ ନେବି। ହୋଲି ଖେଳ ଆରମ୍ଭ ହେଉ ହେଉ ତ ନିଶ୍ଚୟ ସକାଳ ଆଠଟା ହୋଇଯିବ। ଯେହେତୁ ପରୀକ୍ଷା ଚାଲିଛି ତେଣୁ ସେଦିନ ସକାଳୁ କିଛି ସମୟ ପାଠ ପଢ଼ିବି ବୋଲି ସ୍ଥିର କରିଛି। ଆଶା ରଖିଛି ମାମୁଘରେ ସାଙ୍ଗମାନଙ୍କ ସହ ହୋଲି ଏଥର ବେଶ୍ ଜମିବ।



**-ଟି. ଜସ୍ମିତା ରାଣୀ** (କ୍ଲାସ-୧୦ମ, ସନ୍ତୋଷୀ ଇଂଲିଶ ମିଡିୟମ ସ୍କୁଲ, ପୁରୀ)

## ଏଥର ଅବିର ବ୍ୟବହାର କରିବି

ଏଥର ହୋଲିରେ ମୁଁ ଆଦୌ ରାସାୟନିକଯୁକ୍ତ ରଙ୍ଗ ବ୍ୟବହାର କରିବି ନାହିଁ। କାରଣ ମୁଁ ଜାଣିଛି ଏହି ରଙ୍ଗ ଆମ ଶରୀର ପାଇଁ କେତେ କ୍ଷତିକାରକ। ତେଣୁ ଏଥର କେବଳ ଅବିରରେ ହୋଲି ଖେଳିବି। କାହାକୁ ଅଯଥାରେ ରଙ୍ଗ ବୋଳି ବି ନାହିଁ ବୋଲି ମଧ୍ୟ ସ୍ଥିର କରିଛି। ଏଥର ସ୍କୁଲର କେତେ ଜଣ ସାଙ୍ଗ ଏକାଠି ହୋଇ ଏକ ହୋଲି କ୍ଲବ ଗଠନ କରିଛୁ। ହୋଲି ଖେଳିବା ସହ ଅନ୍ୟମାନଙ୍କୁ ସତର୍କତାର ସହ ଖେଳିବାକୁ ବୁଝାଇବୁ। ହୋଲି ଖେଳି ସାରିବା ପରେ ଆମ ନିକଟସ୍ଥ ଗାଁରେ ଅନୁଷ୍ଠିତ ହେଉଥିବା ଦୋଳ ମେଳଣ ଦେଖିବାକୁ ଯିବି।



**-ଶ୍ରେୟାଶ୍ରୀ ବିଶ୍ୱାଳ** (କ୍ଲାସ-୮, ଡିଏଭି ଏସ୍ ସି ବି ମେଡିକାଲ ପବ୍ଲିକ ସ୍କୁଲ, କଟକ)

## କେମିକାଲ ରଙ୍ଗ ବ୍ୟବହାର କରିବି ନାହିଁ

ମୁଁ ଏଥର ହୋଲି ପାଇଁ ଏକ ସ୍ୱତନ୍ତ୍ର ଯୋଜନା କରିଛି। ଏବର୍ଷ ହୋଲିରେ ମୁଁ ଆଦୌ କେମିକାଲ ରଙ୍ଗ ବ୍ୟବହାର କରିବି ନାହିଁ। କାରଣ ଗତବର୍ଷ ମୁଁ ଅଳ୍ପରେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲି। ମୁଁ ଟିକିଏ ହୁସିଆର ରହି ନ ଥିଲେ ମୋ ଆଖିରେ କେମିକାଲ ରଙ୍ଗ ପଡ଼ିଯାଇଥାଆନ୍ତା। ତେଣୁ ଏଥର ସ୍ଥିର କରିଛି, ଯେକୌଣସି ପ୍ରକାରେ ମୁଁ କେମିକାଲ ରଙ୍ଗରେ ହୋଲି ଖେଳିବି ନାହିଁ। ଏଥିପାଇଁ କେବଳ ଅବିର ବ୍ୟବହାର କରିବି।



**– ସାରା ଗିରି** (କ୍ଲାସ-୯ମ, ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଇକମାଳ, ବରଗଡ)

## ଏଥର ହର୍ବାଲ ହୋଲି ଖେଳିବି

ପ୍ରତିବର୍ଷ ହୋଲିକୁ ମୁଁ ବେଶ୍ ଆଗ୍ରହର ସହ ଚାହିଁ ବସିଥାଏ। ଏଥର ମଧ୍ୟ ଏହି ପର୍ବର ଭରପୂର ମଜା ନେବି। ସାଙ୍ଗସାଥୀଙ୍କ ସହ ମିଶି ହୋଲି ଖେଳିବି। ଗତ ଥର ଆମେ ଅଧିକ କେମିକାଲଯୁକ୍ତ ରଙ୍ଗ ବ୍ୟବହାର କରିଥିଲୁ। ହୋଲି ପରେ ମୋର ଜଣେ ସାଙ୍ଗର ସ୍କିନ୍ ସମସ୍ୟା ଦେଖାଦେଲା। ତେଣୁ ଆମେ କେଇ ଜଣ ସାଙ୍ଗ ସ୍ଥିର କରିଛୁ ଯେ ଏଥର ହୋଲି ଖେଳିବୁ ସତ, ହେଲେ କେମିକାଲ ତଥା ଶରୀର ପାଇଁ କ୍ଷତିକାରକ ରଙ୍ଗ ଆଦୌ ବ୍ୟବହାର କରିବୁ ନାହିଁ। ହୋଲି ଖେଳିବା ସହ ଗୁରୁଜନଙ୍କ ଆଶୀର୍ବାଦ ନେବି। ସେଦିନ ସନ୍ଧ୍ୟାରେ ଆମେ କେତେ ଜଣ ସାଙ୍ଗ ଏକ ଭୋଜିର ଆୟୋଜନ କରିଛୁ।



**-ସୋନାକ୍ଷି ସାହୁ,** (କ୍ଲାସ-୭, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେନ୍ଦ୍ରାପଡା)



୧
ଅଂଶୁମାନ ସାହୁ
କ୍ଲାସ୍- ୮, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖୋର୍ଦ୍ଧା





୨
ସମୀକ୍ଷା ମହାନ୍ତି
କ୍ଲାସ୍-୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଷଣ୍ଢପୁର, ଜଟଣୀ, ଖୋର୍ଦ୍ଧା

୩
ମନୋରଞ୍ଜନ ମହାପାତ୍ର,
କ୍ଲାସ-୬,ପଞ୍ଚବଟୀ ସରକାରୀ ୟୁପି ସ୍କୁଲ,ମନ୍ଦୁରିଆ ପାଟଣା,କଟକ





୪
ଓମ୍ ଆଶୁତୋଷ ସାହୁ
କ୍ଲାସ୍- ୮, ବିଜେଇଏମ୍ ସ୍କୁଲ ୧, ଚିନ୍ତାମଣିଶ୍ୱର, ଭୁବନେଶ୍ୱର

୫
ଚିରଞ୍ଜୀବ ଦାଶ
କ୍ଲାସ୍- ୧, ରୟାଲ ପବ୍ଲିକ ସ୍କୁଲ, କେଶୁରା, ଭୁବନେଶ୍ୱର





୬
ଗୋପୀକ୍ରିଷ୍ଣ ପ୍ରଧାନ
କ୍ଲାସ୍- ୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସୁରଡା, ଗଞ୍ଜାମ

୭
ଅଭିଜିତ୍ ପଣ୍ଡା
କ୍ଲାସ୍- ୭, ମଦର୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର





୮
ଜୟେଶ ତ୍ରିପାଠୀ
କ୍ଲାସ୍- ୧, ଓଡିଏମ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଅନୁଗୋଳ



୧



୨



୩



୪




୫



୬



୭



୮



# କବିତା

## ଦୋଳ ପୂନେଇଁ

**ଶୀ**ତ ତ ଶେଷ ଗ୍ରୀଷ୍ମ ପ୍ରବେଶ
ଗରମ ନାହିଁ ବେଶି,
ଦୋଳ ପୂନେଇଁ ପରବ ପାଇଁ
ସରବେ ଏବେ ଖୁସି ।
ସୁଲୁସୁଲିଆ ଦକ୍ଷିଣ ବାଆ
ଦେହକୁ ଭାରି ହିତ,
ମରତ କୋଳ ଚଳଚଞ୍ଚଳ
ଆଗକୁ ଦୋଳ ଯାତ ।
ଦୋଳ ଗୋବିନ୍ଦେ ଦେଖି ଆନନ୍ଦେ
ପୂନେଇଁ ଚାନ୍ଦ ଉଇଁ,
ତାରକା ମେଳେ ଗଗନ କୋଳେ
ନମିବ ମଥା ନୋଇଁ ।
ଫଗୁଣ ମାସ ଦିଏ ହରଷ
ରଙ୍ଗ ଅବିର ଖେଳି,
ଛୋଟରୁ ବଡ ଲାଗିବ ଭିଡ
ସରବେ କୋଳାକୋଳି ।
ସବୁରି ଘରେ ପିଠା ପଣାର
ଆସର ଜମିଯାଏ,
ଦୋଳ ପରବ ହୋଲି ଉତ୍ସବ
ପୁଲକ ଭରିଦିଏ ।

**–ବସନ୍ତ କୁମାର ଦାସ**
ରମ୍ଭା, ବରି, ଯାଜପୁର
ମୋ: ୯୦୭୮୩୩୦୩୭୯

## ହୋଲି ଆସିଛି

**ଋ**ତୁରାଜ ଆସି ଦେଇଚି ପରଷି
ମଧୁ ମଳୟ ପବନ
ବଉଳ ବାସ୍ନାରେ କୋଇଲି କୁହୁରେ
ପୁଲକିତ ତନୁ ମନ ।
ଧରଣୀ ହସୁଚି ହୋଲି ଆସିଅଛି
ଧରି ରଙ୍ଗର ପସରା
ଫଗୁ ବୋଳିହେବା ଆନନ୍ଦେ ନାଚିବା
ନାଚି ଉଠିବ ଏ ଧରା ।
ପତ୍ରରୁ ଫୁଲରୁ ରଙ୍ଗ ତିଆରିବା
ହୋଲିରେ ରଙ୍ଗ ଖେଳିବା
ରାସାୟନିକରେ ପ୍ରସ୍ତୁତ ରଙ୍ଗକୁ
ସର୍ବେ ବର୍ଜନ କରିବା ।
ଏ ସାରା ସଂସାର ଏକ ପରିବାର
ଏକ ମାଆ ବସୁନ୍ଧରା
ଭେଦଭାବ ଭୁଲି ମିଳିମିଶି ଚଳି
ଅରଜିବା ଭାଇଚାରା ।

**– ଡ. ଶରତ କୁମାର ଚଉଁରୀ**
ଟିଚର୍ସ କଲୋନୀ, ପିପିଲି, ପୁରୀ
ମୋ:୯୪୩୭୫୫୧୨୦୩

## ମମତା ଭରା ରଙ୍ଗ ଅବିର

**ଛ**ତା ଫୁଲ ପାନ ଝାଡ଼ବାଡ଼ ନେଇ
ରୋଶଣି ଆଗକୁ ଚଳେ
ନଦିଆ ତାଳରେ ଗୋଟିପୁଅ ନାଚ
ଦେଖିବାକୁ ମନ ବଳେ ।
ରାଇ ଦାମୋଦର ବଇଠକି ଖିଆ
ବରଣ ବେଦିରେ ବସି
ପଟୁଆର ନେଇ ମେଳଣ ପଡ଼ିଆ
ଗଲେ ଯାଏ ଆଖି ଖୋସି ।
ମନ ମଳି ପୋଛି ସେଇ ଦିନ ଆମେ
ହୋଇଯାଉ କୋଳାକୋଳି
ଯିଏ ସେ ଯାହାକୁ ମିଠାଟିଏ ଖୋଇ
ଦିଏ ତା'ରେ ରଙ୍ଗ ବୋଳି ।
ସେନେହ ସୋହାଗ ମମତାରେ ଭରା
ସେ ରଙ୍ଗ ଅବିର ସତେ
ଦେହ ନୁହେଁ ମନ ଭିତରୁ ନ ଛାଡ଼େ
ଯେଉଁଥିରେ ଧୂଅ ଯେତେ ।

**– ମହେନ୍ଦ୍ର କୁମାର ଘଡ଼େଇ**
କଟରପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




### ଆଖି ପଲକରେ ୨ ଲିଟର ସୋଡ଼ା

**ଖା**ଦ୍ୟପେୟରେ କେତେକଙ୍କର ବିଚିତ୍ର ଅଭ୍ୟାସ ରହିଥାଏ । ରେକର୍ଡ କରିବା ନିଶାରେ କେତେକ ଏଭଳି ଅଜବ ଢଙ୍ଗରେ ଖାଇଥାନ୍ତି ଯେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥାନ୍ତି । ଠିକ୍ ଏମିତି ଏକ ଭିନ୍ନ ଧରଣର କାମ କରିଛନ୍ତି ଆମେରିକାର ଜଣେ ୟୁଟ୍ୟୁବର ଏରିକ୍ ବାଡ୍‌ଲାଣ୍ଡ୍ସ । ମାତ୍ର ୧୮.୪୫ ସେକେଣ୍ଡରେ ସେ ୨ ଲିଟର ସୋଡା ପିଇ ପାରିଛନ୍ତି । ଅର୍ଥାତ୍ ଆଖି ପଲକ ମାତ୍ରକେ ସେ ଏତେ ପରିମାଣରେ ସୋଡା ପିଇଛନ୍ତି । ଏତେ କମ୍ ସମୟ ମଧ୍ୟରେ ସବୁଠୁ ଅଧିକ ପରିମାଣର ସୋଡା ପିଇପାରିଥିବାରୁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି । ଏହା ପୂର୍ବରୁ ୨୦୨୨ ମସିହାରେ ସେ ୬.୮୦ ସେକେଣ୍ଡରେ ୧ ଲିଟର ସୋଡା ପିଇ ରେକର୍ଡ କରିଥିଲେ । ଏହା ବ୍ୟତୀତ ସେ ୧ ମିନିଟ୍‌ରେ ୧ ଲିଟର ଟମାଟୋ ସସ୍ ମଧ୍ୟ ଖାଇ ଦେଇଥିଲେ । ତେଣୁ ଖାଦ୍ୟାଭ୍ୟାସକୁ ନେଇ ତାଙ୍କର ଅନେକଗୁଡ଼ିଏ ରେକର୍ଡ ରହିଛି ।

## ଏଥରର

- ବିଶ୍ୱର ପ୍ରଥମ କୃତ୍ରିମ ସାଟେଲାଇଟର ନାମ ?
- ଦ୍ୱିତୀୟ ବିଶ୍ୱଯୁଦ୍ଧ କେଉଁ ମସିହାରେ ଶେଷ ହୋଇଥିଲା ?
- ନୋବେଲ ବିଜେତା ପ୍ରଥମ ମହିଳାଙ୍କ ନାମ ?
- କେଉଁ ଦଶକରେ ପ୍ରଥମେ ଇଣ୍ଟରନେଟ୍ ସେବା ଆରମ୍ଭ ହୋଇଥିଲା ?
- ପ୍ରଥମ କମ୍ପ୍ୟୁଟର ଭାଇରସ୍‌ର ନାମ ?

## ଗତଥରର ଉତ୍ତର

- ନିକୋଲାସ୍ କୋପରନିକସ
- ଆରିଷ୍ଟୋଟଲ
- ଗାଲିଲିଓ
- ଆଖି
- ୩

## କହିଲ ଦେଖି

ଫଗୁଣ ପୂନେଇଁ ପର ଦିବସେ
ଏ ଖେଳ ଖେଳନ୍ତି ଜନେ ହରଷେ
ରଙ୍ଗ ଅବିରକୁ ଦେହରେ ବୋଳି
ସରାଗେ ଖେଳନ୍ତି ହୋଇଣ ମେଳି
ରଙ୍ଗର ପରବ ସିଏ
ଭେଦଭାବ ଭୁଲି ସଭିଏ ଖେଳନ୍ତି
ନାଆଁ କହିଦେବ କିଏ ।



ଉତ୍ତର– **ହୋଲି**

ନାଲି ନୀଳ ଅବା ହଳଦୀ ବର୍ଣ୍ଣେ
ଶୋଭାପାଏ ସିଏ ହୋଲିର ଦିନେ
ସେ ରଙ୍ଗକୁ ସର୍ବେ ଦେହରେ ବୋଳି
ହର୍ଷ ଉଲ୍ଲାସରେ ଖେଳନ୍ତି ହୋଲି
ନୁହେଁ ରସାୟନ ସିଏ
ଜୈବିକ ଦରବେ ବନେ ସେହି ଗୁଣ୍ଡ
ତା'ର ନାମ କୁହ କିଏ ।



ଉତ୍ତର– **ଅବିର**

କାଠରେ ତିଆରି ତା'ର ଶରୀର
ଦୂରରୁ ଲାଗଇ ଛୋଟ ମନ୍ଦିର
ରାଇ ଦାମୋଦର ତା'ମଧ୍ୟେ ବସି
ଗାଆଁ ପରିକ୍ରମା କରନ୍ତି ହସି
ଫଗୁଣ ପୂନେଇଁ ଦିନ
ଦୋଳ ମଣ୍ଡପରେ ଝୁଲନ୍ତି କହ୍ନେଇ
ଏବେ କୁହ ତା'ର ନାମ ।



ଉତ୍ତର– **ଦୋଳ ବିମାନ**

ଫଗୁଣ ପୂନେଇଁ ଯେବେ ଆସଇ
ସାଥିମେଳ ହୋଇ ଗୋପାଳ ଭାଇ
ନାଚି ନାଚି ସିଏ ଗାଆନ୍ତି ଗୀତ
ଦେଖିଲେ ହୁଅଇ ଆନନ୍ଦ ଚିତ୍ତ
ଯେବେ ହୁଏ ସଞ୍ଜ ବେଳ
ଗାଆଁ ଦାଣ୍ଡ ହସେ ଅପୂର୍ବ ପୁଲକେ
କୁହ ସିଏ କେଉଁ ଖେଳ ।



ଉତ୍ତର– **ଲଉଡ଼ି ଖେଳ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬





# ଭୟଙ୍କର ଏୟାରପୋର୍ଟ

ଭାରତରେ ଏମିତି କେତେକ ଏୟାରପୋର୍ଟ ରହିଛି, ଯେଉଁଠି ଫ୍ଲାଇଟ୍ ଟେକ୍‌ଅପ୍ ଏବଂ ଲ୍ୟାଣ୍ଡିଂ କରିବା ସମୟ ବହୁତ ଭୟଙ୍କର ହୋଇଥାଏ। କିଛି ଏୟାରପୋର୍ଟର ରନ୍‌ୱେ ଏତେ ଭୟଙ୍କର ଯେ, ଏଠାରେ ଯେତେ ଦକ୍ଷତାସମ୍ପନ୍ନ ପାଇଲଟ୍ ଚଲାଉଥିଲେ ମଧ୍ୟ ସେମାନେ ଭୟ କରିଥାନ୍ତି। ଆଜିକାଲି ପ୍ଲେନ କ୍ରାସ୍ ହେବା ସାଧାରଣ ଘଟଣା ହୋଇଗଲାଣି। କେବେକେବେ ପ୍ଲେନ ଆକାଶମାର୍ଗରେ ଥିବା ସମୟରେ ଅନ୍ୟ ଏକ ପ୍ଲେନ ସହିତ ପିଟି ହୋଇ ତ କେବେ ପ୍ଲେନ ଲ୍ୟାଣ୍ଡିଂ କରିବା ସମୟରେ ଓଲଟିଯିବା କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇଥାଏ। ଏ ସବୁ ଦୁର୍ଘଟଣା ଯାନ୍ତ୍ରିକ ତ୍ରୁଟି ଏବଂ ମାନବୀୟ ଭୁଲ୍ କାରଣରୁ ହୋଇଥାଏ। ଆକାଶ ମାର୍ଗରେ ପ୍ଲେନ୍ ଉଡ଼ିବା ଏହା କୌଣସି ପିଲା ଖେଳ ହୋଇ ନଥାଏ, ଏଥିପାଇଁ ସତର୍କତା ରହିବା ନିହାତି ଜରୁରୀ। ଏଥିରେ ଛୋଟ ଭୁଲ୍ ପାଇଁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବ ମିଜୋରାମରେ ଥିବା ଲେଙ୍ଗପୁଇ ଏୟାରପୋର୍ଟ ସବୁଠାରୁ ଭୟଙ୍କର ବୋଲି କୁହାଯାଏ। ଏହି ଏୟାରପୋର୍ଟର ରନ୍‌ୱେରେ ପାଣିର ଧାର ବହିଯାଉଥିବାର ଦେଖିବାକୁ ମିଳିଥାଏ। ଯେଉଁ କାରଣରୁ ବର୍ଷା ଦିନେ ଏହା ବହୁତ ଭୟଙ୍କର ହୋଇଥାଏ। ଜମ୍ମୁ କଶ୍ମୀରର ଲେହରେ ଥିବା ବକୁଳ ରିନ୍‌ପୋଚେ ଏୟାରପୋର୍ଟ ମଧ୍ୟ ବହୁତ ଭୟଙ୍କର। ଏହି ଏୟାରପୋର୍ଟଟି ୩୨୫୯ ମିଟର ଉଚ୍ଚତାରେ ଅବସ୍ଥିତ। ହିମାଚଳ ପ୍ରଦେଶର କାଙ୍ଗରା ଜିଲାରେ ଗଗଲ ଏୟାରପୋର୍ଟ ରହିଛି। ଉକ୍ତ ଏୟାରପୋର୍ଟରେ ବିମାନ ଲ୍ୟାଣ୍ଡିଂ ସମୟରେ ପାଇଲଟଙ୍କୁ ବହୁତ ସତର୍କ ରହିବାକୁ ପଡ଼ିଥାଏ। ମାଙ୍ଗାଲୋରର ଏୟାରପୋର୍ଟକୁ ଟେବଲଟପ୍ କୁହାଯାଏ। ୨୦୧୦ରେ ଏଠାରେ ଏକ ବଡ଼ ବିମାନ ଦୁର୍ଘଟଣା ହୋଇଥିଲା। ଏଠାରେ ଏୟାର ଇଣ୍ଡିଆର ଏକ ବିମାନ ରନ୍‌ୱେରୁ ଆଗକୁ ପଳାଇଥିଲା, ଯାହା ଫଳରେ ପାହାଡ଼ରୁ ତଳକୁ ଖସିଲା ପରେ ସେଥିରେ ନିଆଁ ଲାଗିଯାଇଥିଲା।

# ମଣିଷଠାରୁ ଘୋଡ଼ା ସଂଖ୍ୟା ଅଧିକ

ପୃଥିବୀପୃଷ୍ଠରେ ଅସଂଖ୍ୟ ଜୀବଜନ୍ତୁ ଦେଖିବାକୁ ମିଳିଥା'ନ୍ତି। ଏମିତିରେ କେତେକ ପ୍ରାଣୀ ଅଛନ୍ତି, ଯେଉଁମାନେ କି ନିଜର ଗୁଣ ଲାଗି ବେଶ୍ ପରିଚିତ। କିନ୍ତୁ ଏଠାରେ ଏମିତି ଏକ ଦେଶ ବିଷୟରେ ସୂଚନା ଦିଆଯାଉଛି, ଯେଉଁଠି ମନୁଷ୍ୟ ତୁଳନାରେ ଘୋଡ଼ା ସଂଖ୍ୟା ଅଧିକ। ଜାଣିଛ କି ସେହି ଦେଶଟି କିଏ ? ମଙ୍ଗୋଲିଆ। ମଙ୍ଗୋଲିଆର ଜନସଂଖ୍ୟା ପ୍ରାୟ ୩୪ ଲକ୍ଷ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବ ଯେ, ଏଠାରେ ଘୋଡ଼ାଙ୍କ ସଂଖ୍ୟା ପ୍ରାୟ ୪୦ ଲକ୍ଷରୁ ଅଧିକ। ଏହି ଦେଶରେ ପ୍ରତ୍ୟେକ ଲୋକଙ୍କ ନିକଟରେ ଯେମିତି ହେଲେ ଗୋଟିଏ ଘୋଡ଼ା ଦେଖିବାକୁ ମିଳିଥାଏ। ଉକ୍ତ ଦେଶରେ ଘୋଡ଼ା ବିନା ଲୋକଙ୍କ ଜୀବନ ସତେଯେମିତି ଅଧୁରା। ପ୍ରତିବର୍ଷ ଏଠାରେ 'ନାଦାମ୍' ଫେଷ୍ଟିଭାଲ ପାଳନ କରାଯାଏ। ଏହି ଫେଷ୍ଟିଭାଲରେ ତିନୋଟି ବଡ଼ ଖେଳ ଖେଳାଯାଇଥାଏ। ଏହି ଖେଳଗୁଡ଼ିକ ହେଲା– ଘୋଡ଼ାଦୌଡ଼, କୁସ୍ତି ଏବଂ ତୀରଚାଳନା। ଏହି ପର୍ବରେ ୫–୧୨ବର୍ଷର ପିଲା ଘୋଡା ଦୌଡରେ ଭାଗ ନେଇଥାନ୍ତି। ଏହି ଦେଶର ଲୋକମାନେ ମାନିଥାନ୍ତି ଘୋଡ଼ାଦୌଡ଼ କେବଳ ବଳର ଖେଳ ନୁହେଁ, ଏହା ହେଉଛି ଧୈର୍ଯ୍ୟ ଏବଂ ରଣନୀତିର ଖେଳ। ଏହି କାରଣରୁ ଏଠାକାର ଘୋଡ଼ା ଛୋଟବେଳୁ ଖାସ୍ ଟ୍ରେନିଂ ନେଇଥାନ୍ତି। ଏହି ଦେଶର ଘୋଡ଼ା ବିଶ୍ୱର ଅନ୍ୟ ଘୋଡ଼ାଙ୍କଠାରୁ ସ୍ୱତନ୍ତ୍ର। ଏମାନେ ଛୋଟ ଛୋଟ ଆକାରର ହୋଇଥାନ୍ତି, କିନ୍ତୁ ଦୃଢ, ସହନଶୀଳ, ବୁଝିବା ଶକ୍ତି ଏମାନଙ୍କଠାରେ ରହିଛି।



ପ୍ରଥମ ମହିଳା ମହାକାଶଚାରୀ

# ଭାଲେଣ୍ଟିନା ତେରେସ୍କୋଭା

ମହାକାଶ ବିଜ୍ଞାନୀଙ୍କ ପାଇଁ ୧୯୫୭ ମସିହା ଅକ୍ଟୋବର ୪ ତାରିଖ ସ୍ମରଣୀୟ ଦିବସ। ସେଦିନ ସୋଭିଏତ୍ ରୁଷ୍ ପୃଥିବୀର ପ୍ରଥମ ଉପଗ୍ରହ 'ସ୍ପୁଟନିକ୍–୧'କୁ ମହାକାଶ ଅଭିମୁଖେ ପଠାଇଥିଲା, ଯାହାକି ସଫଳତାର ସହିତ ପୃଥିବୀ ଚାରିପଟେ ୬ କୋଟି କିଲୋମିଟର ପଥ ଅତିକ୍ରମ କରିଥିଲା। ତେଣୁ ଆମେ କହିପାରିବା ଯେ, ୧୯୫୭ ମସିହାରେ ମହାକାଶ ଯୁଗର ଆରମ୍ଭ ହେଲା। ସୋଭିଏତ୍ ରୁଷ୍ ଦ୍ୱାରା ଏହି ଉତ୍‌କ୍ଷେପଣ ପରେ ମହାକାଶ ଗବେଷଣାକୁ ନେଇ ରୁଷିଆ ଓ ଆମେରିକା ଭିତରେ ଶୀତଳ ଯୁଦ୍ଧ ଆରମ୍ଭ ହେଲା। ସେତେବେଳେ ରୁଷିଆକୁ ସବୁ ଗବେଷଣା ପ୍ରଥମେ କରି ଦେଖାଇବାର ନିଶା ଲାଗିଥାଏ। ତେଣୁ ଯଥାଶୀଘ୍ର ମଣିଷକୁ ମହାକାଶ ପଠାଇବା ପ୍ରୟାସରେ ଲାଗିପଡ଼ିଲା। ବେଶି ଦିନ ନୁହେଁ, ପ୍ରଥମ କୃତ୍ରିମ ଉପଗ୍ରହ ପଠାଇବାର ମାତ୍ର ସାଢ଼େ ତିନି ବର୍ଷ ଭିତରେ ରୁଷିଆ ପ୍ରଥମ ମହାକାଶଚାରୀଙ୍କୁ ମହାକାଶକୁ ପଠାଇବାରେ ସଫଳ ହେଲା। ପୃଥିବୀର ସେହି ପ୍ରଥମ ମହାକାଶଚାରୀ ଥିଲେ ଜଣେ ପୁରୁଷ। ତାଙ୍କ ନାମ ଥିଲା ୟୁରି ଗାଗାରିନ୍। ୧୯୬୧, ଏପ୍ରିଲ ୧୨ ତାରିଖରେ ରୁଷିଆ ସମୟ (ମସ୍କୋ ଟାଇମ୍) ସକାଳ ୯ଟା ୭ ମିନିଟ୍‌ରେ ୟୁରି ଗାଗାରିନ୍‌ଙ୍କୁ ଧରି ଭୋସ୍ତକ୍–୧ ମହାକାଶଯାନ ସଫଳତାର ସହିତ ପୃଥିବୀ ଛାଡ଼ିଥିଲା।

ମହାକାଶକୁ ପୁରୁଷ ମହାକାଶଚାରୀ ପଠାଇବାରେ ରୁଷିଆ ଯେମିତି ଥିଲା ପ୍ରଥମ, ସେମିତି ମହାକାଶକୁ ମହିଳା ମହାକାଶଚାରୀ ପଠାଇବାରେ ରୁଷିଆ ମଧ୍ୟ ପ୍ରଥମ ଥିଲା।



ସେହି ମହିଳା ମହାକାଶଚାରୀ ଜଣକ ଥିଲେ ସୁଢଳ କଳା ଆଖି ଓ ସୁନେଲି କେଶଧାରୀ ଜଣେ ୨୬ ବର୍ଷୀୟା କିଶୋରୀ ଭାଲେଣ୍ଟିନା ଭ୍ଲାଡିମିରୋଭ୍‌ନା ତେରେସ୍କୋଭା। ୧୯୬୩, ଜୁନ୍ ୧୬ ତାରିଖ ରବିବାର ଦିବା ୧୨ଟା ୩୦ମିନିଟ୍ ସମୟରେ ସୋଭିଏତ୍ ରୁଷ୍ ବୈକାନୁର୍ ଉତ୍‌କ୍ଷେକ୍ଷେପଣ କେନ୍ଦ୍ରରୁ 'ଭୋସ୍ତକ୍–୬' ମହାକାଶଯାନ ଭାଲେଣ୍ଟିନାଙ୍କୁ ଧରି ମହାକାଶ ଅଭିମୁଖେ ଯାତ୍ରା କରିଥିଲା। ଯାନଟି ଏକ ଅଣ୍ଡାକୃତିର ଉପବୃତ୍ତାକାର କକ୍ଷପଥରେ ପୃଥିବୀ ଚାରିପଟେ ବୁଲିବାକୁ ଲାଗିଲା। ତାହା କେତେବେଳେ ପୃଥିବୀ ପାଖକୁ ଚାଲିଆସୁଥିଲା ତ କେତେବେଳେ ପୃଥିବୀଠାରୁ ଦୂରକୁ ଚାଲିଯାଉଥିଲା। ମହାକାଶଯାନଟି ପୃଥିବୀକୁ ପ୍ରଥମ ପରିକ୍ରମା କରିବା ଭିତରେ ମହାକାଶଚାରୀ ଭାଲେଣ୍ଟିନା ଜଳଖିଆ ଖାଇଥିଲେ ଓ ତୃତୀୟ ଥର ପରିକ୍ରମା କରିବା ସମୟରେ ଦ୍ୱିପ୍ରହର ଭୋଜନ କରିଥିଲେ। ମହାକାଶଯାନଟି ତାଙ୍କୁ ଧରି ୪୮ ଥର ପୃଥିବୀକୁ ପରିକ୍ରମା କରିବା ପରେ ଜୁନ୍ ୧୯ ତାରିଖରେ ପୃଥିବୀପୃଷ୍ଠକୁ ଫେରିଥିଲା। 'ଭୋସ୍ତକ୍–୬' ମହାକାଶଯାନ ଭୂପୃଷ୍ଠ ଛୁଇଁବା ପୂର୍ବରୁ ୬ କିଲୋମିଟର ଉଚ୍ଚରୁ ଆକାଶଛତା ସାହାଯ୍ୟରେ ଯାନରୁ ପୃଥିବୀପୃଷ୍ଠକୁ ତାଙ୍କୁ ଡେଇଁବାକୁ ପଡ଼ିଥିଲା। ଦୀର୍ଘ ୭୦ ଘଣ୍ଟା ୫୦ ମିନିଟ୍ କାଳ ମହାକାଶରେ କଟାଇବା ପରେ ସଫଳତାର ସହିତ ସେ ପୃଥିବୀକୁ ଫେରି ଆସିଥିଲେ।

ଭାଲେଣ୍ଟିନା ଭ୍ଲାଡିମିରୋଭ୍ନା ତେରେସ୍କୋଭା ୧୯୩୭ ମସିହା ମାର୍ଚ୍ଚ ୬ ତାରିଖରେ ରୁଷିଆର ମାସ୍ଲେନିକୋଭୋଠାରେ ଏକ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ସୌଭାଗ୍ୟର କଥା, ସେ ଏବେବି ଜୀବିତ ଅଛନ୍ତି। ତାଙ୍କୁ ଏବେ ୮୭ ବର୍ଷ। ଭାଲେଣ୍ଟିନା ତେରେସ୍କୋଭା ପ୍ରକୃତରେ ଜଣେ କଠିନ ପରିଶ୍ରମୀ ମଣିଷ ଓ ଉଦ୍ୟମୀ ମହିଳା। ୨୦୦୭, ମାର୍ଚ୍ଚ ୬ ତାରିଖରେ ତାଙ୍କର ୭୦ତମ ଜନ୍ମଦିନ ପାଳନ ଅବସରରେ ସେ ବୃଦ୍ଧାବସ୍ଥାରେ ମଧ୍ୟ ମହାକାଶଯାନରେ ଯାତ୍ରା କରିପାରିବେ ବୋଲି ଦୃଢ଼ତାର ସହିତ କହିଥିଲେ।

– **ସାଗରିକା ଦାସ,** ସ୍ନାତକ ଛାତ୍ରୀ, ପଦାର୍ଥ ବିଜ୍ଞାନ ବିଭାଗ,
ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ

# ଆ ଇ ନା

**ଅନୁଷ୍କା ଗୌଡ଼**
୫ ବର୍ଷ/ ରାମଗଡ଼





**ପ୍ରାଚିରାଣୀ ବାରିକ**
୯ ବର୍ଷ/ଭୁବନେଶ୍ୱର